

ସତ୍ୟ ହିଁ ବ୍ରହ୍ମ, ସତ୍ୟ ହିଁ ତପସ୍ୟା, ସତ୍ୟ ହିଁ ପ୍ରାଣୀମାନଙ୍କୁ ସୃଜନ କରେ, ସତ୍ୟ ଦ୍ୱାରା ହିଁ ସମସ୍ତ ଲୋକ ଧୃତ ହୋଇଥାଏ ଏବଂ ସତ୍ୟ ଦ୍ୱାରା ହିଁ ଶେଷରେ ମନୁଷ୍ୟ ସ୍ୱର୍ଗ ଲୋକ ପାଇଥାଏ। -ସ୍ୱାମୀ ଶିବାନନ୍ଦ



## ସଂକ୍ଷେପରେ

### ପୋଡ଼ାପାଡ଼ି ହାଇସ୍କୁଲରେ ବୃକ୍ଷରୋପଣ



ଟିକିରି,୬।୯(ଡ଼ି.ଏନ.ଏ)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ପୋଡ଼ାପାଡ଼ି ହାଇସ୍କୁଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ସଭାପତି ଅର୍ଜୁନ ଝୁଡ଼ିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ ପଦ୍ମିନୀ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ନୀଳକଣ୍ଠ ଝୁଡ଼ିଆ,ସରପଞ୍ଚ ଅର୍ଜୁ ମାଝି, ଗୌରାଙ୍ଗ ସାହୁ, ବିଜୟରତ୍ନ ଚୌଧୁରୀ,ସଞ୍ଜୟ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ । ପରେ ଶିକ୍ଷକମାନେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷକ ବଟକୃଷ୍ଣ ରାଉତ, ଅଭିମନ୍ୟୁ ବେହେରା ପରିଚାଳନା କରିଥିଲେ ।

### ତିତ୍‌ଲି କ୍ଷତିଗ୍ରସ୍ତ ଚାଷୀଙ୍କୁ ଚାରା ପ୍ରଦାନ



ଗୁଣପୁର,୬।୯(ଡି.ଏନ.ଏ)-ରାୟଗଡା ଜିଲା ଗୁଣପୁର ଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଉଦ୍ୟାନ ବିଭାଗ ପକ୍ଷରୁ ତିତ୍‌ଲି କ୍ଷତିଗ୍ରସ୍ତ ଚାଷୀଙ୍କୁ ଶୁକ୍ରବାର ଚାରା ପ୍ରଦାନ କରାଯାଇଛି । ଉଦ୍ୟାନ ବିଭାଗର ସହକାରୀ ଉପ ନିର୍ଦ୍ଦେଶକ ପ୍ରଶାନ୍ତକୁମାର ଖଟୁଆ, ସରପଞ୍ଚ ଗୌରୀ ଗମାଙ୍ଗ, ଉଦ୍ୟାନ ବିଭାଗ ଅଧିକାରୀ ନିରଞ୍ଜନ ଦ୍ୱିବେଦୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶଲମ ରାଇକା ପ୍ରମୁଖ ଉପସ୍ଥିତ ରହି ନଡିଆ ଏବଂ ଆମ୍ବଚାରା ପ୍ରଦାନ କରିଥିଲେ । ୨୭୦ ଜଣ ଚାଷୀଙ୍କୁ ଏହି ଚାରା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟାନ ବିଭାଗର ଶ୍ରୀନିବାସ ରାଓ, ପ୍ରଭାତ ରାଉତ, ମନୋଜ ଗୌଡ ପ୍ରମୁଖ  କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

■ ଅପରାହ୍ଣ ୧ଟାରେ ସ୍କୁଲରେ ତାଲା

# ବର୍ଷାରେ ପଥର ଫଟାଉଛନ୍ତି ଛାତ୍ରୀଛାତ୍ର




ଲଦାଖମନ ପ୍ରାଥମିକ ବିଦ୍ୟାଳୟ ।



ପିଲାମାନେ ପଥର ଫଟାଉଛନ୍ତି ।

କାଶୀପୁର, ୬।୯

ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ । ଗୁଣାତ୍ମକ ଶିକ୍ଷା ପାଇଁ ଏହା ହେଉଛି ସରକାରୀ ସ୍ଲୋଗାନ । ହେଲେ ଏହାର ବାସ୍ତବ ଉପଲବ୍ଧି କଣ ତାର ପ୍ରମାଣ ହେଲା ରାୟଗଡ଼ା ଜିଲା କାଶୀପୁର ବ୍ଲକ ସୁଙ୍ଗେର ପଞ୍ଚାୟତ ଥିବା ଲଦାଖମନ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା । ସ୍କୁଲକୁ ଶୁକ୍ରବାର ଆସିଥିଲେ ମାତ୍ର ୩ ଜଣ ଛାତ୍ରୀଛାତ୍ର । ସେମାନେ ହେଲେ ସୁରେଶ ଗୌଡ (୫ମ ଶ୍ରେଣୀ), ଚନ୍ଦନ ଗୌଡ (୪ର୍ଥ), ସୁନୀତା ଗୌଡ (୩ୟ) । ଏଠାରେ ଅଛନ୍ତି ଜଣେ ଶିକ୍ଷକ । ଶିକ୍ଷକ ଜଣକ ଶୁକ୍ରବାର ବିଦ୍ୟାଳୟରେ ଅପରାହ୍ଣ ୧ଟାରେ ତାଲା ପକାଇ ଚାଲି ଯାଇଥିଲେ । ପରେ ଉକ୍ତ ୩ ଛାତ୍ରୀଛାତ୍ର ବାହାରେ ଖେଳିବା ଅପେକ୍ଷା ନିକଟରେ ଯାଇ ପଥର ଫଟା କାର୍ଯ୍ୟ କରିଥିଲେ । ତାହା ପୁଣି ବର୍ଷାରେ ଭିଜି ଭିଜି । ପାଠ ପଢା ସମୟରେ ବାହାରେ ଯାଇ କାମ କରିବାକୁ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଏଠାରେ ଜଣେ ଶିକ୍ଷକ ଥିବାରୁ ସେ ବ୍ୟାଙ୍କ କାମ ଅଛି କହି ସ୍କୁଲରେ ତାଲା ପକାଇ ଚାଲି ଯାଇଥିବା ଗ୍ରାମର ଗିଲାନ୍ଦ୍ରୀ ଗୌଡ ପ୍ରକାଶ କରିଛନ୍ତି । ଏନେଇ ଶିକ୍ଷକ କପିଳ ନାଏକଙ୍କୁ ପଚାରିବାରୁ, ମୋର ବ୍ୟାଙ୍କ କାମ ଥିବାରୁ ମଧ୍ୟାହ୍ନ ଭୋଜନ ଦେଇ ସ୍କୁଲ ଛୁଟି କରିଦେଇଥିଲି ବୋଲି କହିଛନ୍ତି। ଛାତ୍ରୀଛାତ୍ରମାନେ ବିପଦପୂର୍ଣ୍ଣ ଭାବେ ବିଦ୍ୟାଳୟ ସମୟରେ ପଥର ଫଟାଉଥିବା କଥା ପଚାରିବାରୁ ସେ କିଛି କହି ନ ଥିଲେ ।

# କାଶୀପୁର ଅଙ୍ଗନୱାଡ଼ି ସଂଘ ପକ୍ଷରୁ ଦାବିପତ୍ର

ରାୟଗଡ଼ା ଅଫିସ,୬।୯

ବିଭିନ୍ନ ଦାବି ନେଇ ଅଲ ଓଡ଼ିଶା ଅଙ୍ଗନୱାଡ଼ି ସଂଘର କାଶୀପୁର ଶାଖାର କର୍ମୀମାନେ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅନୁପସ୍ଥିତିରେ ଜିଲା ସମାଜ ସୁରକ୍ଷା ଅଧିକାରୀ ଆଦିଜାତି କଅଁରଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ରନ୍ଧାଖାଦ୍ୟ, ଅଣ୍ଡା ଆଦି କେନ୍ଦ୍ରଗୁଡ଼ିକରେ ପହଞ୍ଚାଇବା ଦାୟିତ୍ୱ ଦିଆଯାଇଥିବା ବିଷୟକୁ ବିରୋଧ କରାଯାଇଛି । ୨୦୦୯ରେ ବକେୟା ଥିବା ଟିଏଡ଼ିଏ ଏବଂ ଘରଭଡ଼ା ପ୍ରଦାନ କରିବାକୁ ଦାବି କରିଛନ୍ତି । ବକେୟା ଥିବା ବିଗତ ୪ ମାସର ଦରମା ଅତିଶୀଘ୍ର ପ୍ରଦାନ କରିବାକୁ ପ୍ରମୁଖ ଦାବିପତ୍ରରେ ଉଲ୍ଲେଖ ରହିଛି । ତତ୍‌ସହ ପୂର୍ବଭଳି ରନ୍ଧାଖାଦ୍ୟ ଓ ଅଣ୍ଡା ବିତରଣ କାର୍ଯ୍ୟକୁ ପୁଣିଥରେ ଅଙ୍ଗନୱାଡ଼ିକୁ ହସ୍ତାନ୍ତର କରାଯାଉ ବୋଲି ଦାବି କରିଥିଲେ । ଏ ସମସ୍ତ ଦାବିଗୁଡ଼ିକର ତୁରନ୍ତ ସମାଧାନ ନ କରା ଗଲେ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିଜ୍ ୱାର୍କର୍ସ ଆସୋସିଏଶନ ଆଗାମୀ ଦିନରେ କେନ୍ଦ୍ରଗୁଡ଼ିକ ବନ୍ଦ କରି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି । ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ ମଜଦୁର ସଂଘ ରାଜ୍ୟ ସମ୍ପାଦକ ତଥା ଜିଲା ସଭାପତି ଯୋଗେଶ୍ୱର ଦାଶ, ସମ୍ପାଦକ ଖଗେଶ୍ୱର ସିଂ, ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିଜ ୱାର୍କର୍ସ ଆସୋସିଏଶନ ଜିଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟ ସାହୁ, ସମ୍ପାଦିକା ଉଷାରାଣୀ ଦାସ, ସଭାନେତ୍ରୀ ମଞ୍ଜୁଳା ପଣ୍ଡା, ଗୋରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



ଅଙ୍ଗନୱାଡ଼ି କର୍ମୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

■ ଆଗାମୀ ନିର୍ବାଚନ ନେଇ ବିଜେଡିର ରଣନୀତି ପ୍ରସ୍ତୁତ

# ଦଳର ସଦସ୍ୟ ସଂଖ୍ୟା ବୃଦ୍ଧି ଲାଗି ଆଲୋଚନା

ରାୟଗଡ଼ା ଅଫିସ, ୬।୯




ବୈଠକରେ ଯୋଗ ଦେଇଥିବା ଲୋକ ପ୍ରତିନିଧିମାନେ ।

ଆଗାମୀ ପୌରପାଳିକା ନିର୍ବାଚନକୁ ଦୃଷ୍ଟିରେ ରଖି ଶୁକ୍ରବାର ଜିଲା ବିଜେଡିର ଏକ କାର୍ଯ୍ୟକାରିଣୀ ବୈଠକ ରିଂରୋଡସ୍ଥିତ ବଂଶୀକ୍ରିଷ୍ଣା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବିଜେଡି ଜିଲା ସଭାପତି ଲାଲ ବିହାରୀ ହିମିରିକାଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଆଗାମୀ ନିର୍ବାଚନ ନେଇ ରଣନୀତି ପ୍ରସ୍ତୁତ କରାଯାଇଛି । ବୈଠକରେ ପର୍ଯ୍ୟବେକ୍ଷକ ଭାବେ ବିଜେଡିର ପୂର୍ବତନ ମନ୍ତ୍ରୀ ସଂଜୟ ଦାସବର୍ମା ଯୋଗଦେଇ ଦଳ ଯେପରି ଆଗାମୀ ନିର୍ବାଚନରେ ବିଜୟ ଲାଭ କରିବ ସେଥିନିମନ୍ତେ ଦଳର ସ୍ଥାନୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ । ତତ୍‌ସହ ତୃଣମୂଳର ସଦସ୍ୟଙ୍କୁ ଗୁରୁତ୍ୱ ଦେବା ପାଇଁ କହିଥିଲେ । ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ ଯୋଗଦେଇ ସ୍ଥାନୀୟ ନେତୃବୃନ୍ଦଙ୍କୁ ଦଳର ସଦସ୍ୟ ସଂଖ୍ୟା ବୃଦ୍ଧି କରିବାକୁ ମନ୍ତ୍ରଣା ଦେଇଥିଲେ । ରାଜ୍ୟ ସରକାରଙ୍କର ଉନ୍ନତି ଓ ଜନସାଧାରଣମୂଳକ କାର୍ଯ୍ୟକୁ ପ୍ରତ୍ୟେକଙ୍କ ନିକଟରେ ଯେପରି ପହଞ୍ଚିବ ଓ ସାଧାରଣ ଜନତା ଯେପରି ଏ ବିଷୟରେ ଅବଗତ ହୋଇପାରିବେ ସେ ବିଷୟରେ କହିଥିଲେ । ଏଥିଲାଗି ଗାଁ ଗାଁ ବୁଲି ଲୋକଙ୍କୁ ଅବଗତ କରିବା ଲାଗି ଗୁରୁତ୍ୱ ଦେଇଥିଲେ । ଏଥିରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କା , ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସଙ୍କ ସମେତ ବିଜେଡି ଦଳର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ବିଜେଡି କର୍ମୀମାନେ କିପରି ଆଗାମୀ ନିର୍ବାଚନ ବିଜୟଲାଭ କରିବେ ସେ ନେଇ ବୈଠକର ଆୟୋଜନ ହୋଇଥିଲା ।

# ରନ୍ଧା ମଦ ଜବତ, ୩ ଗିରଫ

ଆସିକା,୬।୯ (ଡି.ଏନ୍.ଏ.)

ଆସିକା ଥାନା ଇଲାକାରେ ବିଭିନ୍ନ ସ୍ଥାନରେ ଗୁରୁବାର ସନ୍ଧ୍ୟାରେ ପୋଲିସ ଚଢାଉ କରି ୬୫ ଲିଟର ରନ୍ଧା ଜବତ କରିଛି । ଏହି ମାମଲାରେ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଢାଳ ଗ୍ରାମର ଅକ୍ଷୟ କୁମାର ମହାନ୍ତି, ଡାକବଙ୍ଗଳା ଏରୋଗୋଲା ବସାର ଏମ୍. ଦୁର୍ଗା ଓ ଠେଙ୍ଗାପଲ୍ଲୀ ଗ୍ରାମର ଏ. କାଳି। ନଂ.୨୯୪, ୨୯୫ ଓ ୨୯୬/୧୯ରେ ୩ଟି ପୃଥକ୍ ମାମଲା ରୁଜୁ କରାଯାଇ ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ୱାନ୍ ଷ୍ଟପ୍ ସେଣ୍ଟର ଉଦ୍‌ଘାଟିତ

ରାୟଗଡ଼ା ଅଫିସ,୬।୯

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶୁକ୍ରବାର ସଖୀ-ୱାନ୍ ଷ୍ଟପ୍ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି । ଏହି କେନ୍ଦ୍ର ୨୪ ଘଣ୍ଟା କାର୍ଯ୍ୟ କରିବ । ଏହାର କର୍ମଚାରୀମାନେ ମହିଳାମାନଙ୍କ ବାବଦରେ ଖବର ମିଳିବା ମାତ୍ରେ ପ୍ରପୀଡିତ ମହିଳାମାନଙ୍କୁ ଉଦ୍ଧାର କରି କେନ୍ଦ୍ରରେ ପହଞ୍ଚାଇବେ । ଉକ୍ତ କେନ୍ଦ୍ର ଭୁବନେଶ୍ୱରସ୍ଥିତ ଯୁବଜ୍ୟୋତି ଯୁବକ ସଂଘ ଦ୍ୱାରା ଶୁକ୍ରବାରଠାରୁ ରାୟଗଡ଼ା ଜିଲାରେ ବିଧିବଦ୍ଧ ଭାବରେ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ଅନୁସୂଚିତ ଜାତି, ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କା, ରାୟଗଡା ଜିଲାପାଳ ପ୍ରମୋଦ କୁମାର ବେହେରା , ଉପଜିଲାପାଳ ପ୍ରତାପଚନ୍ଦ୍ର ପ୍ରଧାନ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶକ୍ତିବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବଜ୍ୟୋତି ଯୁବକ ସଂଘର ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାମଲ, ସଭାପତି ଚଣ୍ଡେଶ୍ୱର ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ । ପାରିବାରିକ ହିଂସା, ବଳାତ୍କାର ଶିକାର, ଏସିଡ୍ ଆକ୍ରମଣ, ଯୌନ ଉତ୍ପୀଡନ, ବାଲ୍ୟ ବିବାହ, ଯୌତୁକ ନିର୍ଯାତନା ଓ ଅନ୍ୟାନ୍ୟ ହିଂସାରେ ପ୍ରପୀଡିତା ମହିଳା ଏବଂ ଝିଅମାନଙ୍କୁ ଡାକ୍ତରୀ, ପୋଲିସ୍ , ଆଇନଗତ ସହାୟତା, ଆଶ୍ରୟ ସହାୟତା ମାଗଣାରେ ଯୋଗାଇବା ଏହାର ଉଦ୍ଦେଶ୍ୟ

# ବୌଦ୍ଧିକ ସମ୍ପତ୍ତିଗତ ଅଧିକାର ସମ୍ପର୍କିତ କର୍ମଶାଳା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଗୁଣପୁର,୬।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ବୌଦ୍ଧିକ ସମ୍ପତ୍ତିଗତ ଅଧିକାର ସମ୍ପର୍କିତ ଦିନିକିଆ ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କ ବୌଦ୍ଧିକ ସମ୍ପତ୍ତିଗତ ବିଭାଗ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ କୁଳପତି ଡ.ଗୌତମ ଘୋଷ ମୁଖ୍ୟଅତିଥି ଭାବେ ଯୋଗଦେଇ ପେଟେଣ୍ଟ ବିଷୟରେ ଆଲୋକପାତ କରିଥିଲେ । ପ୍ରିନ୍ସିପାଲ ଡ.କେ.ସେନ୍ଥିଲ କୁମାର ଯୋଗଦେଇ ବୈଷୟିକ ଜ୍ଞାନ କୌଶଳ କ୍ଷେତ୍ରରେ ପେଟେଣ୍ଟର ଆବଶ୍ୟକତା ଉପରେ କହିଥିଲେ । ଏହି କର୍ମଶାଳାରେ ଭାରତ ସରକାରଙ୍କ ସେଲ.ଫର.ଆଇ.ପି.ଆର ପ୍ରମୋଶନ ଆଣ୍ଡ ମ୍ୟାନେଜମେଣ୍ଟ ନୂଆଦିଲ୍ଲୀର ରିସୋର୍ସ ପରସନ ଦିବ୍ୟାଶ୍ରୀ ନିଭାସନ, ଆର.ସତିଶ କୁମାର, ଏନ.ଭି.ସାଇସୁନ୍ଦର, ଶ୍ୟାମଲିମା ସେନଗୁପ୍ତା ଏବଂ ରାଜେଶ ରାମନାଥନ ପ୍ରମୁଖ ଯୋଗଦେଇ ପେଟେଣ୍ଟ, କପି ରାଇଟ, ଟ୍ରେଡ ମାର୍କ, ଇଣ୍ଡଷ୍ଟ୍ରିଆଲ ଡିଜାଇନ ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ ।




ଭାରତୀୟ କ୍ଷେତ ମଜଦୁର ସଭା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

# ସରପଞ୍ଚଙ୍କୁ ଦାବିପତ୍ର ପ୍ରଦାନ

ଗୁଣପୁର,୬।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଅଖିଳ ଭାରତୀୟ ଗ୍ରାମୀଣ କ୍ଷେତ ମଜଦୁର ସଭା ପକ୍ଷରୁ ରେଗେଡା ପଞ୍ଚାୟତରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପରେ ସରପଞ୍ଚ ବୃନ୍ଦାବତୀ ପାତିକାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏ ମ ଜି ଏ ନ ଆ ଇ ଇ ଜି ଏ ସ ରେ ଶ୍ରମିକମାନଙ୍କୁ ୨୦୦ ଦିନର କାମ ସହ ୫୦୦ ଟଙ୍କା ମଜୁରି ପ୍ରଦାନ ଓ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ବିରୋଧୀ ନିତି ନେଇ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ସିପିଆଇଏମଏଲର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ସମେତ ଦାମୋଦର ଶବର, ଭରତ ଶବର, ସୁମନ ଶବର, ଜେମସ୍ ଶବର, ବୃନ୍ଦାବନ ବିଡିଆ, ବିନୋଦ ଗମାଙ୍ଗ, କାଳିଆ ଶବର, ଶୁକୁ ଶବର, ଶ୍ୟାମ ଶବର, ନକୁଳ ଶବର, ରାଜେଶ ଶବରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ନିର୍ମାଣର ବର୍ଷେ ନ ପୂରୁଣୁ ରାସ୍ତା ଶୋଚନୀୟ

ଚନ୍ଦ୍ରପୁର,୬।୯(ଡି.ଏନ୍.ଏ.)



ଶୋଚନୀୟ ହୋଇପଡିଥିବା ରାସ୍ତା ।

ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡାଠାରୁ କଲାଗୁଡି ସଲଗ୍ନ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ଡାଙ୍ଗସୋରଡା ଯୁଡିଙ୍ଗି, ନାଉଡୁଗୁଡା, କିଞ୍ଜିରିମାଳ, ପାଦିପାରଶ, କୂଅଦଉଡି, କୋଲାଗୁଡି, ପଣସପଦର, କଲାଗୁଡି ମାଦାଗୁଡି ପ୍ରଭୃତି ଗ୍ରାମବାସୀ ଯାତାୟାତ କରିଥାନ୍ତି । ଏଥିସହ ଡାଙ୍ଗସୋରଡା ପଞ୍ଚାୟତ କାର୍ଯ୍ୟାଳୟକୁ ଲୋକେ ମାସିକ ଭତ୍ତା, ପିଡିଏସ୍ ଚାଉଳ, କିରୋସିନ ଆଣିବା ଓ ଡାଙ୍ଗସୋରଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ରାସ୍ତା ଦେଇ ଯିବାଆସିବା କରିଥାନ୍ତି। ୨୦୧୮ରେ ଏହା ପିଚୁ କରାଯାଇଥିଲା। ହେଲେ ନିମ୍ନମାନର କାମ ଯୋଗୁ ବର୍ଷେ ନ ପୂରୁଣୁ ସାମାନ୍ୟ ବର୍ଷାରେ ଗର୍ତ୍ତ ସୃଷ୍ଟି ହେବାରୁ ରାସ୍ତା ଦୟନୀୟ ହୋଇପଡ଼ିଛି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଏଥିରେ ଯାତାୟାତ କରିବା ସମ୍ଭବ ନୁହେଁ। ଅତ୍ୟଧିକ କାଦୁଅ ଓ ଗର୍ତ୍ତ ଯୋଗୁ ଚାରି ଚକିଆ ଯାନ ଯାଇପାରୁ ନାହିଁ ବୋଲି ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର, ସତ୍ୟ ନାରାୟଣ ପ୍ରତୀକା ପ୍ରକାଶ କରିଛନ୍ତି । ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଚାରି ପାଞ୍ଚୋଟି ସୂଚନା ଫଳକ ରାସ୍ତା ସମ୍ମୁଖରେ ଲଗାଯାଇଛି । ହେଲେ ସେଥିରେ କୌଣସି ତଥ୍ୟ ଉଲ୍ଲେଖ କରାଯାଇନାହିଁ । ଗୋଟିଏ ମାତ୍ର ସୂଚନା ଫଳକରେ ତଥ୍ୟ ଉଲ୍ଲେଖ ରହିଛି । କିନ୍ତୁ ଦୁଃଖର ବିଷୟ ରାସ୍ତା ଖରାପ ହୋଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ଦୃଷ୍ଟି ପଡୁନାହିଁ । ରାସ୍ତା ମରାମତି କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଗ୍ରାମ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ, ଖୁବ୍‌ଶୀଘ୍ର ରାସ୍ତାର ମରାମତି କରାଯିବ ବୋଲି କହିଛନ୍ତି ।

■ ଲଗାଣ ବର୍ଷାରେ ଧୋଇଗଲା ଆପ୍ରୋଚ ରାସ୍ତା

# ୧୦ରୁ ଊର୍ଦ୍ଧ୍ୱ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ

ମୁନିଗୁଡା,୬।୯(ଡ଼ି.ଏନ.ଏ)



ଧୋଇଯାଇଥିବା ରାସ୍ତା ।

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକରେ ଦୁଇ ଦିନ ହେଲା ଲଘୁଚାପଜନିତ ବର୍ଷା ଲାଗି ରହିଛି । ଏହାର ପ୍ରଭାବରେ ଇଚ୍ଛାପୁର ପଞ୍ଚାୟତର ଭାନପୁର ଗ୍ରାମ ନିକଟରେ ଥିବା ନାଳରେ ବର୍ଷା ଜଳ ବୃଦ୍ଧି ପାଇଛି । ଫଳରେ ନୂତନ ବ୍ରିଜର ଆପ୍ରୋଚ ରୋଡ଼ ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି । ବର୍ତ୍ତମାନ ପୁରୁଣା ବ୍ରିଜ ଉପରେ ଏବେ ୩ ଫୁଟ ପାଣି ପ୍ରବାହିତ ହେଉଛି । ଫଳରେ ଉକ୍ତ ଅଞ୍ଚଳର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ବ୍ରିଜ ଆରପଟେ ଥିବା କାଡାଘାଟି, ଗୁଡିଖାଲ, ବାମନଦେଓ, ସାନଗାଙ୍ଗୀଡି,କାଶେରୀ,ବରଗୁଡା,ଡେଙ୍ଗନ ଆଦି ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଗାଁର ଲୋକେ ଏବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛନ୍ତି। ନୂତନ ବ୍ରିଜ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ବ୍ରିଜର ଦୁଇ ପାର୍ଶ୍ୱରେ ଥିବା ମାଟି ଧୋଇ ଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏଠଥିସହ ତୁରନ୍ତ ପୁଣି ଥରେ ବ୍ରିଜ କାର୍ଯ୍ୟ କରିବାକୁ ଦାବି କରିଛନ୍ତି।

## ସଂକ୍ଷେପରେ

### ଜୁଆଆଡ୍ଡାରେ ଚଢ଼ାଉ, ୫ ଗିରଫ

ସେମିଳିଗୁଡ଼ା,୬।୯(ସ୍ୱ.ପ୍ର.): ସେମିଳିଗୁଡ଼ା ବ୍ଲକ କୁନ୍ଦୁଲି ମେଡିକାଲ ପାର୍ଶ୍ୱରେ ଚାଲିଥିବା ଜୁଆଆଡ୍ଡାରେ ପୋଲିସ ଚଢ଼ାଉ କରିଛି। କୋରାପୁଟ ଏସ୍‌ପି ମୁକେଶ କୁମାର ଭାନୋଙ୍କ ନିର୍ଦ୍ଦେଶକ୍ରମେ ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ସ୍ପେଶାଲ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଫଳରେ ଆଡ୍ଡାରୁ ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨୫ ଜଣ ଫେରାର ରହିଛନ୍ତି। ସେଠାରୁ ୪ଟି ମୋବାଇଲ, ୧୩ ହଜାର ୭୦୦ ଟଙ୍କା ଏବଂ ୯ଟି ବାଇକ୍, ଗୋଟିଏ ସ୍କୁଟି ଜବତ କରାଯାଇଛି। ଜୁଆଆଡ୍ଡା ଚାଲିଥିବା ଘର ମାଲିକଙ୍କ ନାମ ଦାଶରଥି ରାଓ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

### କୃଷକ ନେତାଙ୍କୁ ଧକ୍କା ଦେଇଥିବା ବାଇକ୍ ଚାଳକ ଗିରଫ

ଜୟପୁର,୬।୯(ଡି.ଏନ୍.ଏ.): ଜିଲା ବିଜେଡି କୃଷକ ମୋର୍ଚ୍ଚାର ଜିଲା ସଭାପତିଙ୍କୁ ବାଇକ୍‌ରେ ଧକ୍କା ଦେଇ ଫେରାର ଥିବା ଚାଳକ ଟାଉନଥାନା ହାତରେ ଗିରଫ ହୋଇଛନ୍ତି। ସେ ହେଲେ ସଦରଥାନା ଫାମ୍ପୁଣି ଗ୍ରାମର ଆଲୋକ ବେହେରା (୨୦) । ପୋଲିସ ଦୁର୍ଘଟଣା ଘଟାଇଥିବା ବାଇକ୍ ଜବତ କରିଛି । ଦୁର୍ଘଟଣା ପରେ ଗିରଫ ବାଇକ ଚାଳକ ଆହତ ଥାଇ ଚିକିତ୍ସା ଚାଲିଥିବା ଯୋଗୁ ତାଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଛି। ବାଇକ୍ କାଗଜପତ୍ର, ଲାଇସେନ୍ସ ସବୁ ଧରି ପରେ ଉପସ୍ଥିତ ରହିବା ପାଇଁ କୁହାଯାଇଥିବା ତଦନ୍ତକାରୀ ଅଧିକାରୀ ବି.ଡି. ମାଝି ପ୍ରକାଶ କରିଛନ୍ତି । ଗତ ଶନିବାର ପୂର୍ବାହ୍ନରେ ବିଜେଡି କୃଷକ ମୋର୍ଚ୍ଚା ଜିଲା ସଭାପତି ରାମ କୁମାର ସାମନ୍ତରାୟ ନିଜ ଗ୍ରାମ ଥୋରଡିପୁଟରୁ ଜୟପୁର ବାଇକରେ ଆସୁଥିବା ବେଳେ ଗ୍ଲୋକାଲ ହସପିଟାଲ ଛକରୁ ପାୱାର ହାଉସ ଛକ ମଧ୍ୟରେ ଆଲୋକ ଓ ଅନ୍ୟ୨ ଜଣ ଆରୋହୀ ବାଇକ୍‌ରେ ତାଙ୍କୁ ଧକ୍କାଦେଇ ଖସିଯାଇଥିଲେ। ଏଥିରେ ସାମନ୍ତରାୟ ଗୁରୁତର ଥାଇ ବିଶାଖପାଟଣାରେ ଚିକିତ୍ସାଧୀନ ଅଛନ୍ତି।

### ଦାୟିତ୍ୱ ନେଲେ ନୂତନ ବିଡିଓ



ବୈପାରୀଗୁଡ଼ା,୬।୯(ଡି.ଏନ୍.ଏ.): ବୈପାରୀଗୁଡ଼ା ବ୍ଲକର ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ସବ୍ୟସାଚି ବେହେରା ଶୁକ୍ରବାର ଦାୟିତ୍ୱ ନେଇଛନ୍ତି। ସେ ପୂର୍ବରୁ କୋରାପୁଟ ଜିଲା ଡେପୁଟି କଲେକ୍ଟର ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ବ୍ଲକରେ ବିଡିଓ ପଦବୀ ସହ ବିଭିନ୍ନ ଅଧିକାରୀ ପଦବୀ ଖାଲି ପଡ଼ିଥିବା ନେଇ ଗତ ୨୭ ତାରିଖ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହାର ପ୍ରଭାବରେ ସେହିଦିନ ହିଁ ନୂଆ ବିଡିଓଙ୍କ ନିଯୁକ୍ତି ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା। ସେହିପରି ଖାଲି ପଡ଼ିଥିବା ସହକାରୀ ଯନ୍ତ୍ରୀ ପଦବୀରେ ମଧ ମାଲକାନଗିରି ଜିଲାରୁ ଜଣେ ବଦଳି ହୋଇଆସୁଥିବା ସରକାରୀ ନିର୍ଦ୍ଦେଶ ହୋଇଛି। ଉକ୍ତ ଆଦେଶରେ ସଂପୃକ୍ତ ଅଧିକାରୀଙ୍କ ନାମ ପ୍ରକାଶନରେ ତ୍ରୁଟି ଥିବାରୁ ତାହା ସଂଶୋଧନ କରାଯିବା ପରେ ଖୁବ୍ ଶୀଘ୍ର ସେ ଯୋଗଦେବେ ବୋଲି ନୂଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରକାଶ କରିଛନ୍ତି।

### ସିଡିପିଓଙ୍କ ନାଁରେ ଅଭିଯୋଗର ତଦନ୍ତ କଲେ ଲୋକାଯୁକ୍ତ ସଦସ୍ୟ

ବୈପାରୀଗୁଡ଼ା,୬।୯(ଡି.ଏନ୍.ଏ.): ଲୋକଯୁକ୍ତ ସଦସ୍ୟଙ୍କ ଦ୍ୱାରା ସ୍ଥାନୀୟ ସିଡିପିଓଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ହୋଇଛି । ସିଡିପିଓଙ୍କ କାର୍ଯ୍ୟାଳୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ହରେକୃଷ୍ଣ ପ୍ରଧାନଙ୍କ ଉପସ୍ଥିତିରେ ଲୋକାଯୁକ୍ତ ସଦସ୍ୟ ତ୍ରିଲୋଚନ ପ୍ରଧାନ ଏହାର ତଦନ୍ତ କରିଥିଲେ । ସିଡିପିଓ ବିଭିନ୍ନ ଦୁର୍ନୀତିରେ ସଂପୃକ୍ତି ଅଭିଯୋଗର ତଦନ୍ତ ବେଳେ ଅଙ୍ଗନୱାଡି କର୍ମୀ ଓ ଛତୁଆ ବଣ୍ଟନ ଦାୟିତ୍ୱରେ ଥିବା ପୂଜା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କୁ ଡାକି ଏ ସଂପର୍କରେ ପଚରାଉଚୁରା କରିଥିଲେ। ତଦନ୍ତ ସଂପର୍କରେ କୌଣସି ସୂଚନା ଦେବାକୁ ସେ ମନା କରିଦେଇଥିଲେ । ଉଲ୍ଲେଖଯୋଗ୍ୟ, କିଛି ମାସ ହେବ ସମନ୍ୱିତ ଶିଶୁ ବିକାଶ ବିଭାଗରେ ବିଭିନ୍ନ ଦୁର୍ନୀତି ହେବା ନେଇ ଅଲ ଇଣ୍ଡିଆ ଲେଡିଜ୍ ୱାର୍କର ଆସୋସିଏଶନ୍ ଅଭିଯୋଗ ଆଣିବା ସହ ଜିଲା ପ୍ରଶାସନ ଓ ପରେ ଲୋକାଯୁକ୍ତର ଦ୍ୱାରସ୍ଥ ହୋଇଥିଲେ ।



ଅସୁସ୍ଥ ଜଗବନ୍ଧୁଙ୍କୁ ଗ୍ରାମବାସୀ ଦୋଳାରେ ବୋହି ନେଉଛନ୍ତି।



ହ୍ୟୁମ ପାଇପ ପୋଲ ରାସ୍ତା ଧୋଇଯାଇଛି ।

# ଧୋଇଗଲା କଲଭର୍ଟ, ୫ ଗାଁ ଜଳବନ୍ଦୀ

ଦଶମନ୍ତପୁର,୬।୯(ଡି.ଏନ୍.ଏ.)

ପ୍ରବଳ ବର୍ଷା ଯୋଗୁ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅଧୀନସ୍ଥ ୫ଟି ଗ୍ରାମ ବିଶେଷ ପ୍ରଭାବିତ ହୋଇଛି। ଗ୍ରାମଗୁଡ଼ିକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା ଭାବେ ଗାଇଘାଟ ହ୍ୟୁମ୍ ପାଇପ୍ ଏବଂ ବୁଡ଼ିଖୋଲା କଲଭର୍ଟ ଶୁକ୍ରବାର ପ୍ରବଳ ବର୍ଷାରେ ଧୋଇଯାଇଛି। ଫଳରେ ସଲପଗୁଡ଼ା, ଝମରାପଦର, ମାଳତିଗୁଡ଼ା, ମଧୁବିଶାଳି ଓ ତେନ୍ତୁଳିଗୁଡ଼ା ଗ୍ରାମବାସୀ ଏବେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଏଭଳି ପରିସ୍ଥିତିରେ ସଲପଗୁଡ଼ା ଗ୍ରାମର ଜଗବନ୍ଧୁ ମାଳି କିଛିଦିନ ହେଲା ଜ୍ୱର ଓ ଡାଇରିଆରେ ଆକ୍ରାନ୍ତ ଥିବାବେଳେ ଭଲ ନ ହେବାରୁ ଶୁକ୍ରବାର ବାଧହୋଇ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ ଏକ ଦୋଳା ସାହାଯ୍ୟରେ ଗାଁରୁ ୫ କିମି ଦୂର ଫୁଲବେଡ଼ା ଛକ ପର୍ଯ୍ୟନ୍ତ ବୋହି ନିଆଯାଇଥିଲା। ସେଠାରୁ ଗାଡ଼ି ଯୋଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଗ୍ରାମର ପଳଦ ମାଳି, ଘନ ମାଳି, ଉଦ୍ଧବ ମାଳି, ଅର୍ଜୁନ ମାଳି ପ୍ରକାଶ କରିଛନ୍ତି। ରାସ୍ତା ଅବସ୍ଥା ଖରାପ ଯୋଗୁ ସ୍ୱାମୀଙ୍କୁ ଚିକିତ୍ସା ପାଇଁ ନେଇପାରୁ ନ ଥିଲି ବୋଲି ସ୍ତ୍ରୀ ଯମୁନା କହିଛନ୍ତି। ଅନ୍ୟପକ୍ଷରେ ବର୍ଷା ଜାରି ରହିଥିବାବେଳେ ଏଭଳି ଦୁର୍ଗମ ଅଞ୍ଚଳରେ ଡାଇରିଆ ବ୍ୟାପିବା ଆଶଙ୍କା ରହିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

## ବରାଣ୍ଡି, ସୁର୍ଲୀ, ଷଡ଼ରଙ୍ଗାରେ ବଢୁଛି ଜଳସ୍ତର

କୋରାପୁଟ,୬।୯(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଶୁକ୍ରବାର ମୋଟ ୮୭୮.୨ ମିମି ବର୍ଷା ହୋଇଛି। ସେଥିରେ ଜିଲାର ନନ୍ଦପୁର ବ୍ଲକରେ ସର୍ବାଧିକ ୧୫୫.୪ ମିମି ବର୍ଷା ହୋଇଥିବାବେଳେ ସେମିଳିଗୁଡ଼ା ବ୍ଲକରେ ୫୯ ମିମି, କୋଟପାଡ଼ ବ୍ଲକରେ ୧୨୮ ମିମି, ପଟ୍ଟାଙ୍ଗି ବ୍ଲକରେ ୪୫.୨ ମିମି, ନାରାୟଣପାଟଣା ବ୍ଲକରେ ୧୦.୪ ମିମି, କୋରାପୁଟ ବ୍ଲକରେ ୭୦.୮ ମିମି, ଲମତାପୁଟ ବ୍ଲକରେ ୬୯.୨ ମିମି, ଦଶମନ୍ତପୁର ବ୍ଲକରେ ୫୮ ମିମି, ଲକ୍ଷ୍ମୀପୁର ବ୍ଲକରେ ୮ ମିମି, ଜୟପୁର ବ୍ଲକରେ ୫୪.୮ ମିମି, ବନ୍ଧୁଗାଁ ବ୍ଲକରେ ୧୫ ମିମି, କୁନ୍ଦୁରା ବ୍ଲକରେ ୪୪ ମିମି, ବୋରିଗୁମ୍ମା ବ୍ଲକରେ ୧୦୦.୪ ମିମି, ବୈପାରିଗୁଡ଼ା ବ୍ଲକରେ ୬୦ ମିମି ବର୍ଷା ହୋଇଛି। ଇନ୍ଦ୍ରାବତୀର ୨ଟି ଗେଟ୍ ଖୋଲାଯାଇଛି। କୋଟପାଡ଼ରେ ୧୨୮ ମିମି ବର୍ଷା ହୋଇଥିବାରୁ ବରାଣ୍ଡି, ସୁର୍ଲୀ ଓ ଷଡ଼ରଙ୍ଗାରେ ନଦୀ ଜଳସ୍ତର ବୃଦ୍ଧିପାଇଛି। ସମସ୍ତ ଅଞ୍ଚଳର ନଦୀରେ ବନ୍ୟାଜଳ ବିପଦ ସଙ୍କେତ ତଳେ ଥିବା ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି।

# ରାସ୍ତାରେ ପାଣି, ୨ ପଞ୍ଚାୟତ ବିଚ୍ଛିନ୍ନ

ନନ୍ଦପୁର,୬।୯(ଡି.ଏନ୍.ଏ.)

ଲଘୁଚାପ ଜନିତ ବର୍ଷା ପାଇଁ କୋରାପୁଟ ଜିଲା ନନ୍ଦପୁର ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଥୁବା ପଞ୍ଚାୟତର ସାତସିମିଳିଠାରୁ ଲମତାପୁଟ ବ୍ଲକକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କର କୁକୁଡ଼ାପୁଟ ଗ୍ରାମ ନିକଟ ଗରାଡ଼ି ନାଳର ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଛି। ଶୁକ୍ରବାର ଦିନ ତମାମ ଏହି ରାସ୍ତାରେ ଗମନାଗମନ ବନ୍ଦ ରହିଥିଲା । ସେହିପରି ଏହି ପଞ୍ଚାୟତ ଅନ୍ତର୍ଗତ ପରଟା ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଦୁଇ ବର୍ଷ ତଳେ ଏହି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ମୁଖ୍ୟ ରାସ୍ତା ସହ ଯୋଡ଼ିଥିବା ବେଳେ ଗତ ବର୍ଷାରେ ଏହି ରାସ୍ତା ଧୋଇଯାଇଥିଲା । 'ଧରିତ୍ରୀ'ରେ ଏହି ଖବର ପ୍ରକାଶ ପାଇବା ପରେ ପ୍ରଶାସନ ହଠାତ୍ ତତ୍ପରତା ଦେଖାଇ ଲୋକ ଦେଖାଣିଆ ମରାମତି କରି ଛାଡ଼ି ଦେଇଥିଲା । ବହୁ କଷ୍ଟରେ ଲୋକେ ସେଥିରେ ଯିବା ଆସିବା କଲେ ; କିନ୍ତୁ ଆମ୍ବୁଲାନ୍ସ ଯିବା ସମ୍ଭବ ହେଲା ନାହିଁ। ଏଠାରେ ଥିବା ନାଳ ଉପରେ ବର୍ଷାଜଳ ପ୍ରବାହିତ ହେଉଛି। ନିମ୍ନମାନର ଗାର୍ଡ଼ୱାଲ, କଲଭର୍ଟର ହୋମ୍ ପାଇପରେ ସିମେଣ୍ଟ କଙ୍କ୍ରିଟ୍ ବଦଳରେ ମାଟି ଭର୍ତ୍ତି କରି ଉପରେ ସିମେଣ୍ଟ ପକାଇ ରାସ୍ତା କରାଯାଇଥିବାରୁ ତାହା ଦବିଯାଇ ଧୋଇଯାଇଥିଲା । ଏହାର ନିର୍ମାଣ କାମରେ ଅର୍ଥ ଆତ୍ମସାତ୍ ହୋଇଥିବା ଥୁବା ସମିତି ସଭ୍ୟ ଅର୍ଜୁନ କିର୍ସାନି ଅଭିଯୋଗ କରିଛନ୍ତି। ୭୦ ବର୍ଷ ପରେ ପରଟା ଗ୍ରାମବାସୀ ସଡ଼କ ସହ ଯୋଡ଼ି ହୋଇଥିଲେ ମଧ୍ୟଏବେ ପୁଣି ପୂର୍ବ ଅବସ୍ଥାକୁ ଫେରିଆସିଥିବା ନାଏବ ସରପଞ୍ଚ ଗଙ୍ଗାଧର ଗୋଲରି କହିଛନ୍ତି।



ନନ୍ଦପୁର ବ୍ଲକ ଗରାଡି ନାଳ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଛି ।

# ୭୭୨ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ

ଜୟପୁର,୬।୯(ଡି.ଏନ୍.ଏ./ନି.ପ୍ର.)

ଜୟପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ୨୨ଟି ପଞ୍ଚାୟତର ୭୭୨ ଜଣ ହିତାଧିକାରୀଙ୍କୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟାଯାଇଛି। ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ଗରିବ ହିତାଧିକାରୀଙ୍କୁ ଏହି କାର୍ଯ୍ୟାଦେଶ ବାଣ୍ଟିଥିଲେ। ମାର୍ଚ୍ଚ ୨୦୨୦ ସୁଦ୍ଧା ସମସ୍ତ ହିତାଧିକାରୀ ସେମାନଙ୍କ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବେ। ୪ ମାସରେ ଘର ଶେଷ କଲେ ୨୦ ହଜାର ଟଙ୍କା ଓ ୬ ମାସରେ ଶେଷ କଲେ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବା ନେଇ ହିତାଧିକାରୀଙ୍କୁ କୁହାଯାଇଥିଲା। ଏହି ଅବସରରେ ବ୍ଲକ ଅଧକ୍ଷା ସୁକାନ୍ତି ବାଗଦେରିଆ, ଉପାଧ୍ୟକ୍ଷ ଈଶ୍ୱର ବାଘ, ବିଡିଓ ସୁରଜ ପଟ୍ଟନାୟକ, ଏମ୍‌ପି ପ୍ରତିନିଧି କୃଷ୍ଣଚନ୍ଦ୍ର ନେପାକ, ଜିପିଓ କୈଳାସ ଚନ୍ଦ୍ର ରଥ ଉପସ୍ଥିତ ଥିଲେ।



ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି ବିଧାୟକ ।

## ପଞ୍ଚାୟତକାର୍ଯ୍ୟାଳୟରେ ବଣ୍ଟନ କାର୍ଯ୍ୟକ୍ରମ ଦାବି

ଜୟପୁର,୬।୯(ଡି.ଏନ୍.ଏ.)

ଜୟପୁର ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ଆବାସ କାର୍ଯ୍ୟାଦେଶ ବଣ୍ଟାଯାଇଥିଲା । ଦୁଇ ଦିନ ହେବ ପ୍ରବଳ ବର୍ଷା ଯୋଗୁ ଜୟପୁର ବ୍ଲକର ୨୨ଟି ପଞ୍ଚାୟତରୁ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟ ପହଞ୍ଚିବାରେ ବିଶେଷ ହଇରାଣ ହୋଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ବଦଳରେ ଏଠାରେ କାହିଁକି କାର୍ଯ୍ୟାଦେଶ ବଣ୍ଟାଯାଉଛି ବୋଲି ସମିତିସଭ୍ୟ ରାଜେନ୍ଦ୍ର ସାହୁ, ପୂର୍ଣ୍ଣ ପାଙ୍ଗି, ମକର ପୂଜାରୀ, ସରପଞ୍ଚ ବୈଦ୍ୟନାଥ ନାୟକ ପ୍ରଶ୍ନ କରିଛନ୍ତି। ଗତ ଅଗଷ୍ଟ ୫ରେ ମଧ ଲଗାଣ ବର୍ଷା ସମୟରେ କାର୍ଯ୍ୟାଦେଶ ଓ ଭତ୍ତା ବଣ୍ଟାଯାଇଥିଲା।

## ନ୍ୟାୟ ଅପେକ୍ଷାରେ ଫର୍ନିଚର ଦୋକାନୀ

ସେମିଳିଗୁଡ଼ା,୬।୯(ସ୍ୱ.ପ୍ର.)

ସେମିଳିଗୁଡ଼ା ଓ କୋରାପୁଟ ରେଞ୍ଜର ଜଣେ ଫର୍ନିଚର ଦୋକାନରୁ ୫୫ ଲକ୍ଷ ଟଙ୍କାର ଆସବାବପତ୍ର ଜବତ କରିବା ଓ ମାଲିକଙ୍କୁ ସିଜର ଲିଷ୍ଟ ନଦେଇ ଗିରଫ ସହ ନିର୍ଯାତନା ଦେବା ଅଭିଯୋଗ ହୋଇଥିଲା। ସେମିଳିଗୁଡ଼ା ଥାନାରେ ଗତ ୨ ସେପ୍ଟେମ୍ବରରେ ଏତଲା ହୋଇଥିଲେ ମଧ ଏଯାବତ୍ କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ଫର୍ନିଚର ଦୋକାନୀ ଅଭିଯୋଗ ଆଣିଛନ୍ତି । ଏନେଇ ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ନୂଆ ମୋଟର ଆଇନ ଯୋଗୁ ସେମିଳିଗୁଡ଼ା ଆଇଆଇସି ବ୍ୟସ୍ତ ଥିବାରୁ ଏହିକୁ କେସ ରେକର୍ଡକୁ ନେଇପାରି ନାହାନ୍ତି। ଏହି ମାମଲାଟି ସରକାରୀ ଅଧିକାରୀଙ୍କ ବିପକ୍ଷରେ ଥିବାରୁ ତଦନ୍ତ ଚାଲିଛି, ଦୁଇଦିନ ଭିତରେ ତାହା ତଦନ୍ତ ଶେଷ ହେବ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଉପରୋକ୍ତ ଦୁଇ ରେଞ୍ଜର ବିଭିନ୍ନ ଉପାୟରେ ବିଭ୍ରାନ୍ତିକର ମତ ଖେଳାଇ ଏଥିରୁ ବର୍ତ୍ତିବା ପାଇଁ ଚେଷ୍ଟା କରୁଛନ୍ତି। ଫର୍ନିଚର ମାଲିକ ଏହାର ତଦନ୍ତ ଠିକ ଭାବରେ ନ କଲେ ସେ ଉପର ଅଦାଲତର ଆଶ୍ରୟ ନେବେ ବୋଲି କହିଛନ୍ତି। ତାଙ୍କର ସମସ୍ତ କାଠ ବାହାର ଦେଶର ବୋଲି ଦସ୍ତାବିଜ ସେ ବନ ବିଭାଗକୁ ଦେଇଛନ୍ତି। ମାମଲାଟି କୋର୍ଟରେ ଥିବାବେଳେ ଦୁଇ ଅଧିକାରୀ କେତେକ ଗଣମାଧ୍ୟମ ପ୍ରତିନିଧିଙ୍କ ଦ୍ୱାରା ଏହାକୁ ଚୋରାକାଠ ଦର୍ଶାଇ ଖସିଯିବାକୁ ଲାଗିଛନ୍ତି।

# ଆଦର୍ଶ ଗ୍ରାମ ପାଇଁ ସ୍ୱତନ୍ତ୍ର ପଲ୍ଲିସଭା




ପଲ୍ଲିସଭାରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅନ୍ୟମାନେ ।

ପଟ୍ଟାଙ୍ଗି,୬।୯(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ସୁଙ୍କି ପଞ୍ଚାୟତ ଲାଉଡ଼ି ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବେ କେନ୍ଦ୍ର ସରକାର ଚିହ୍ନଟ କରିଛନ୍ତି। ଉକ୍ତ ଗ୍ରାମର ସେବାଶ୍ରମ ବିଦ୍ୟାଳୟରେ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ପଲ୍ଲିସଭା କରାଯାଇ ଗ୍ରାମବାସୀଙ୍କଠାରୁ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି ଆଦର୍ଶ ଗ୍ରାମ ପାଇଁ ଆସିଥିବା ଅନୁଦାନ ଉଚିତ ବାଟରେ ଖର୍ଚ୍ଚକରାଯିବା ପାଇଁ ପଲ୍ଲିସଭାରେ ଉପସ୍ଥିତ କନିଷ୍ଠ ଯନ୍ତ୍ରୀ ଓ ପିଇଓଙ୍କୁ ଦୃଷ୍ଟି ଦେବାକୁ କହିଥିଲେ। ସୁରେଶ ଗୁଡିଙ୍କ ଦ୍ୱାରା ପରିଚାଳିତ ସଭାରେ ଲାଉଡି ଗ୍ରାମକୁ ଖଣି ପ୍ରଦୂଷିତ ଭାବେ ଘୋଷଣା କରିବା ପାଇଁ ଦାବି ହୋଇଥିଲା। ଗ୍ରାମରେ ୧୫ ଲକ୍ଷ ଅନୁଦାନରେ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ଲୋକଙ୍କ କାର୍ଯ୍ୟରେ ଲାଗୁ ନ ଥିବାବେଳେ ଗ୍ରାମବାସୀ ନିକଟସ୍ଥ ଝରଣା ପାଣି ଉପରେ ନିର୍ଭର କରୁଥିବା ଉପସ୍ଥିତ ମହିଳା ଅଭିଯୋଗ ରଖି ଏହାର ସମାଧାନ ପାଇଁ ପାଟିତୁଣ୍ଡ କରିଥିଲେ। ପିଇଓ ତିଳକ ଖେମୁଣ୍ଡୁ ଦୁଇ ବର୍ଷ ତଳେ ଆଦର୍ଶ ଗ୍ରାମ ପାଇଁ ଆସିଥିବା ୪୦ ଲକ୍ଷ ଅନୁଦାନରୁ ସିସି ରାସ୍ତା ପାଇଁ ୪ ଲକ୍ଷ ଅର୍ଥ ଖର୍ଚ୍ଚ କରାଯାଇଛି। ଅବଶିଷ୍ଟ ୩୬ ଲକ୍ଷରୁ ମହିଳାଙ୍କୁ ରୋଜଗାରକ୍ଷମ କରିବା ପାଇଁ କମ୍ୟୁନିଟି ଗୃହ ନିର୍ମାଣ ସହ ଖଲି ସିଲେଇ ତାଲିମ ଦିଆଯିବ। ଗ୍ରାମର ପ୍ରତି ସାହିରେ ବିଦ୍ୟୁତ ସେବା, ପାନୀୟ ଜଳ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ସେବାଶ୍ରମ ବିଦ୍ୟାଳୟ ପାଚେରି, ଅତିରିକ୍ତ ଶ୍ରେଣୀଗୃହ, ପାନୀୟ ଜଳ ଆବଶ୍ୟକ ରହିଥିବା ପ୍ରଧାନ ଶିକ୍ଷକ ଜୟନ୍ତ ଶବର ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଭାରେ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୃସିଂହନାଥ ବେହେରା, ଗୁପ୍ତ ଶଙ୍କର ପଟ୍ଟନାୟକ, ତଳଗୋଲୁର ନାଏବ ସରପଞ୍ଚ ମୁରୁରି ଗୁଣ୍ଡାନା, ସରପଞ୍ଚ ସିମାଦ୍ରୀ ଜାନି, କନିଷ୍ଠ ଯନ୍ତ୍ରୀ ରଞ୍ଜିତ ଖୋସ୍ଲା, ଏବିଇଓ ରଜନୀକାନ୍ତ ବଡନାୟକ, ଆଡ୍‌ଆଇ ଗୌରୀଶଙ୍କର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ବିଭୂଦତ୍ତ ଦାଶ, ସୁଙ୍କି ଭିଡିଓ ବୃନ୍ଦାବତି ମାଝି ଉପସ୍ଥିତ ଥିଲେ।

## ■ ରୋଗ ଉଜାଡ଼ିଦେଲା ସୁଖ, ଦୟନୀୟ ସ୍ଥିତିରେ ଜୀବନ

# ଦୁଇ ଦିବ୍ୟାଙ୍ଗ ପୁଅର ସେବା କରୁଛନ୍ତି ବୃଦ୍ଧବାପା

ଜୟପୁର,୬।୯(ନି.ପ୍ର.)

ପୁଅ ଜନ୍ମ ହେଲେ ବୃଦ୍ଧକାଳରେ ସାହା ହେବ। ଏହି ଆଶାରେ ବଞ୍ଚିଥିବା ବାପ କିନ୍ତୁ ପରିଣତ ବୟସରେ ଏବେ ଦୁଇ ଜଣ ଦିବ୍ୟାଙ୍ଗ ପୁଅଙ୍କ ସେବା କରୁଛନ୍ତି। ଦୟନୀୟ ସ୍ଥିତିରେ ଚାଲିଛି ସେମାନଙ୍କ ଜୀବନ। ମା' ଆରପାରିକୁ ଚାଲିଯାଇ ଥିବାବେଳେ ବାପା ହିଁ ଏହି ଦୁଇ ସନ୍ତାନଙ୍କ ପାଇଁ ସବୁ କିଛି। କୋରାପୁଟ ଜିଲା କଙ୍ଗା ପଞ୍ଚାୟତ ଖଡ଼ପା ଗ୍ରାମରେ ମଣିଷ ଜୀବନର ଏଭଳି ଦୁଃଖଦ ଚିତ୍ର ଦେଖିବାକୁ ମିଳିଛି।

ସ୍ତ୍ରୀ, ୩ ଝିଅ ଓ ୪ ପୁଅଙ୍କୁ ନେଇ ଭକ୍ତରାମ ଭତ୍ରା (୭୦)ଙ୍କ ପରିବାର। ତାଙ୍କର ୨ ପୁଅ ପୋଲିଓରେ ଆକ୍ରାନ୍ତ ହେବା ପରେ ଦିବ୍ୟାଙ୍ଗ ପାଲଟିଗଲେ। ସ୍ତ୍ରୀ ବି ଅକାଳରେ ଚାଲିଯିବା ପରେ ତାଙ୍କ ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଲା। ଆର୍ଥିକ ସ୍ଥିତି ଭଲ ନ ଥିବାବେଳେ ଭକ୍ତ ଜମିରେ ମୁଲ ଲାଗିଲେ ପରିବାର ଚଳେ । ଅଧିକାଂଶ ସମୟ ୨ ପୁଅଙ୍କ ସେବାରେ ବିତି ଯାଉଥିବାରୁ ଘରର ଆର୍ଥିକ ସ୍ଥିତି ବି ଭଲ ନାହିଁ। ଭଙ୍ଗା ଚାଳ ଛପର ଘରେ ଜୀବନ ବିତୁଥିବାବେଳେ କେବଳ ଦିବ୍ୟାଙ୍ଗ ପ୍ରମାଣପତ୍ର ଖଣ୍ଡେ ହାତରେ ଧରାଇ ପ୍ରଶାସନ ନିଜ ଦାୟିତ୍ୱ ସାରିଦେଇଛି। ରାଶନ କାର୍ଡ଼ କଟିଯାଇଥିବା ବେଳେ ବାରମ୍ବାର ଆବେଦନ ସତ୍ତ୍ୱେ ଆବାସ ଘରଟିଏ ବି ପ୍ରଶାସନ ଏଯାଏ ଯୋଗାଇନାହିଁ। ଭକ୍ତଙ୍କ ଦୁଇ ପୁଅ ଘନଶ୍ୟାମ ଭତ୍ରା (୨୫) ଓ ଦୁର୍ଯ୍ୟୋଧନ ଭତ୍ରା (୧୯) ଯୁବକ ଅବସ୍ଥାରେ ଏବେ ଯନ୍ତ୍ରଣା ଭୋଗୁଛନ୍ତି। ଜନ୍ମରୁ ସବୁ ଠିକ୍ ଥିବାବେଳେ ୨ ଭାଇ ସ୍କୁଲକୁ ଯାଉଥିଲେ। କିନ୍ତୁ ପରେ ପୋଲିଓରେ ଆକ୍ରାନ୍ତ ହେବା ପରେ ସେମାନଙ୍କ ଏପରି ଅବସ୍ଥା ହୋଇଛି । ଉଭୟ ୮ରୁ ୧୦ ବର୍ଷର ଶିଶୁ ପରି ଦେଖାଯାଉଛନ୍ତି। ଯୌବନରେ ଜୀବନକୁ ଉପଭୋଗ କରିବା ବଦଳରେ ସେମାନେ ଏବେ ଶଯ୍ୟାଶାୟୀ। ଅନ୍ୟପକ୍ଷରେ ଜୀବନର ଅପରାହ୍ନରେ ବୃଦ୍ଧ ବାପାଙ୍କୁ ଏହି ୨ ପୁଅ ସାହା ହେବା ବଦଳରେ ଓଲଟି ବୃଦ୍ଧ ବାପାଙ୍କ ସାହାରାରେ ଜୀବନ ବିତାଇବାକୁ ବାଧ ହୋଇଛନ୍ତି। ବହୁବର୍ଷେ ବର୍ଷ ତଳେ ୨ଟି ପୁଅ ହରାଇ ସାରିଛନ୍ତି ଭକ୍ତ। ଏଥିରେ ପୁଣି ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଅଭିଶପ୍ତ ଜୀବନ ଜିଉଛନ୍ତି ସେ ଓ ତାଙ୍କ ଦୁଇ ଦିବ୍ୟାଙ୍ଗ ପୁଅ। ସେମାନଙ୍କର ସବୁ ନିତ୍ୟକର୍ମ କରୁଥିବା ଭକ୍ତ ବାଷ୍ପରୁଦ୍ଧ କହିଛନ୍ତି ଯେ ତାଙ୍କ ପରେ ଦୁଇ ପୁଅଙ୍କ ଦେଖାରେଖା କିଏ କରିବ। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ନିବେଦନ କରିଛନ୍ତି ଗ୍ରାମବାସୀ।



ଦୁଇ ଦିବ୍ୟାଙ୍ଗ ଭାଇ ଘନଶ୍ୟାମ ଓ ଦୁର୍ଯ୍ୟୋଧନ ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ସେପ୍ଟେମ୍ବର ୭ /୨୦୧୯ Rayagada, Saturday, September 7/ 2019


# ଆହାର କେନ୍ଦ୍ରରେ ମିଳୁନି ଭଲ ଖାଦ୍ୟ

**କୋରୁକୋଣ୍ଡା,୬।୫(ଡ଼ି.ଏନ.ଏ.)**

- ଅଚାନକ ଗସ୍ତ କଲେ ଜିଲାପାଳ, ପିଡି
- ୩ ଗ୍ୟାସ ସିଲିଣ୍ଡର ଜବତ
- ୫/୬ଜଣ ପ୍ରସ୍ତୁତ କରୁଛନ୍ତି ୩ଶହ ଲୋକଙ୍କ ଖାଦ୍ୟ


ଆହାର କେନ୍ଦ୍ରରେ ଜିଲାପାଳ ତଦାରଖ କରୁଛନ୍ତି ।

ରାଜ୍ୟ ସରକାର ଗରିବ ଶ୍ରେଣୀର ଲୋକ ଏବଂ ବିଭିନ୍ନ କାର୍ଯ୍ୟରେ ଦୂରଦୂରାନ୍ତରରୁ ସହରକୁ ଆସୁଥିବା ଲୋକଙ୍କ ପାଇଁ ଆହାର ବ୍ୟବସ୍ଥା ପ୍ରଚଳନ କରିଥିଲେ। ଜଣେ ବ୍ୟକ୍ତି ୫ଟଙ୍କା ଦେଇ ଆହାରକେନ୍ଦ୍ରରେ ଖାଇପାରିବେ। ଯେଉଁ ଉଦ୍ଦେଶ୍ୟ ନେଇ ଏହି କେନ୍ଦ୍ର ଆରମ୍ଭ ହୋଇଥିଲା ତାହା ସଫଳ ହେଉ ନ ଥିବା ଦେଖିବାକୁ ମିଳୁଛି। ଫଳରେ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚିପାରୁନାହିଁ। ଆହାରକେନ୍ଦ୍ରରେ ସ୍ୱାଦିଷ୍ଟ ଖାଦ୍ୟ ମିଳୁ ନ ଥିବା ଅଭିଯୋଗ ହେଉଛି। ମାଲକାନଗିରି ଜିଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଥିବା ଆହାରକେନ୍ଦ୍ରରେ ଏପରି ଅବ୍ୟବସ୍ଥା ଦେଖାଦେଇଛି। ଏହି କେନ୍ଦ୍ରକୁ ୪ ବର୍ଷ ହେବ ନାରୀଜାଗୃତି ନାମକ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଚଳାଇ ଆସୁଛି। ଏହି ଗୋଷ୍ଠୀରେ ଥିବା ସବୁ ସଦସ୍ୟ ଆହାର କେନ୍ଦ୍ରରେ କାମ କରିବା କଥା। ମାତ୍ର ଗୋଷ୍ଠୀର ମାତ୍ର ୫ ଜଣ ଆହାର କେନ୍ଦ୍ରରେ କାମ କରୁଛନ୍ତି। ଦିନରେ ୩୦୦ ଲୋକ ଓ ରାତ୍ରି ସମୟରେ ୨୫୦ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ନିୟମ ରହିଛି। ଅଥଚ ଏହି କେନ୍ଦ୍ରରେ କେବେ ମଧ୍ୟ ସେତିକି ପରିମାଣର ଖାଦ୍ୟ ପ୍ରସ୍ତୁତ ହେଉନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଭାତସହ ଖାଇବା ଲାଗି ଯେଉଁ ଡାଲମା ହେଉଛି ସେଥିରେ ବିଭିନ୍ନ ପ୍ରକାର ପନିପରିବା ପଡୁନି। କେବଳ ଆଳୁ ଓ ବୋଇତାଳୁ ପଡୁଛି। ଆହାରକେନ୍ଦ୍ରରେ ଏଭଳି ନିମ୍ନମାନର ଖାଦ୍ୟ ମିଳୁଥିବା ସୂଚନା ପାଇ ଗୁରୁବାର ଜିଲାପାଳ ମନୀଷ ଅଗ୍ରୱାଲ ଓ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା ଏହି ଆହାର କେନ୍ଦ୍ରକୁ ଅଚାନକ ଗସ୍ତ କରିଥିଲେ। କର୍ମଚାରୀମାନେ ଠିକ୍ ପରିମାଣ ଖାଦ୍ୟ ଦେଉ ନ ଥିବା ଦେଖି କର୍ମଚାରୀଙ୍କୁ ଠିକ ରୂପେ ଖାଦ୍ୟ ଦେବାକୁ କହିଥିଲେ। ରନ୍ଧନ ବ୍ୟବସ୍ଥାରେ ଅବ୍ୟବସ୍ଥା, ନିମ୍ନମାନର ଖାଦ୍ୟ, ସିସିଟିଭି ଅଚଳ, ଆହାର କେନ୍ଦ୍ର ଟିକେଟରେ ହେରଫେର, ନଥିପତ୍ର ସଠିକ୍ ପରିଚାଳନା ନ ହେବା ଜାଣିବା ପରେ ଉକ୍ତ କେନ୍ଦ୍ରକୁ ପରିଚାଳନା କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ତିନିଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି। ଏହି ସମୟରେ ବେଆଇନ ଭାବେ ଥିବା ୩ଟି ଗ୍ୟାସ ସିଲିଣ୍ଡରକୁ ଜବତ କରାଯାଇଥିଲା। ଏ ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କୁ ପଚାରିବାରୁ ସେ କହିଲେ ଯେ, ଏ କ୍ଷେତ୍ରରେ ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ୨ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

**ମାଲକାନଗିରି,୬।୯(ସ୍ୱ.ପ୍ର.)**-ମାଲକାନଗିରି ଜିଲାରେ ପୁଣି ଗଞ୍ଜେଇ ମାଫିଆ ସକ୍ରିୟ ହୋଇ ଉଠିଛନ୍ତି। ଜିଲାର ପଡୋଶୀ ଆନ୍ଧ୍ରପ୍ରଦେଶ ଓ ଛତିଶଗଡକୁ ଦୈନିକ ବହୁ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି। ମାଲକାନଗିରି ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ସର୍ଚ୍ଚ ଅପରେଶନ ବେଳେ ଏକ ସ୍କର୍ପିଓରୁ ଗଞ୍ଜେଇ ଜବତ କରିଛି। ଏହା ଛତିଶଗଡକୁ ଚଲାଣ ହେଉଥିଲା। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ପରିମାଣ ୨ କୁଇଣ୍ଟାଲ ଏବଂ ଏହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଆଇଆଇସି ରାମପ୍ରସାଦ ନାଗ କହିଛନ୍ତି। ଖବରରୁ ଜଣାପଡିଛି ବାଲିମେଳାରୁ ମାଲକାନଗିରି ଅଭିମୁଖେ ଏକ ସ୍କର୍ପିଓ ଗାଡି ଆସୁଥିଲା। ଏହାକୁ ପୋଲିସ ଏମ୍‌ଭି-୫୦ ଗ୍ରାମ ନିକଟରେ ଅଟକାଇବାକୁ ଚେଷ୍ଟା କରିଥିଲା। ତେବେ ଗାଡି ନ ଅଟକିବାରୁ ପୋଲିସ ଗାଡି ପିଛା କରି ମାଲକାନଗିରି ସଦର ମହକୁମା ବୁଟିଗୁଡାଠାରେ ଗାଡିକୁ ରୋକିଥିଲା। ଗାଡି ଯାଞ୍ଚ ବେଳେ ସେଥିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଗିରଫ ୨ ଅଭିଯୁକ୍ତ ବସନ୍ତ ଓ ଝାଣ୍ଟୁଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

### ସ୍ୱାଭିମାନ ଅଞ୍ଚଳରେ ଦିବ୍ୟାଙ୍ଗ ମେଳା

**ଚିତ୍ରକୋଣ୍ଡା,୬।୯(ଡି.ଏନ.ଏ.)**- ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳ ବଡ଼ପଡା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଦିବ୍ୟାଙ୍ଗମାନଙ୍କ ଏକ ମେଳା ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ଅନ୍ନପୂର୍ଣ୍ଣା ବୁରୁଦାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ମେଳାରେ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ ଦିବ୍ୟାଙ୍ଗମାନଙ୍କୁ ପରୀକ୍ଷା କରି ପ୍ରମାଣପତ୍ର ଦେଇଥିଲେ। କାର୍ଯ୍ୟକ୍ରମକୁ ସୁପରଭାଇଜର ଚମ୍ପା ନାୟକ, ବିଜୟଲକ୍ଷ୍ମୀ ସଭାସୁନ୍ଦର,ସୁପରଭାଇଜର ଶଶାଙ୍କ ଶେଖର କର ପରିଚାଳନା କରିଥିଲେ।

# ■ ପିଲାମାନେ ଗଛ ତଳେ ପଢ଼ିବା ଘଟଣା

# ତଦନ୍ତ କଲା ପ୍ରଶାସନ

**ଚିତ୍ରକୋଣ୍ଡା,୬।୯(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଦୋରାଗୁଡା ପଞ୍ଚାୟତ ଅନ୍ତର୍ଗତ ଥାଟମାନଗୁଡା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗଛମୂଳେ ପଢୁଛନ୍ତି ପିଲାଏ ଖବର ଧରିତ୍ରୀରେ ଗତ ୩୧ରେ ପ୍ରକାଶ ପାଇଥିଲା। ଏହାର ତଦନ୍ତ କରି ଏହା ମିଥ୍ୟା ବୋଲି ଦର୍ଶାଇ ଜିଲା ପ୍ରଶାସନ ସରକାରଙ୍କୁ ରିପୋର୍ଟ ଦେଇଥିଲା। ତେବେ ଏହି ଖବର ସତ୍ୟ ବୋଲି ଶୁକ୍ରବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ଥାଟମାନଗୁଡାକୁ ଜିଲା ପ୍ରଶାସନର ଅଧିକାରୀଙ୍କ ଭିଡ ଜମିଛି। ବିଭାଗୀୟ ଅଧିକାରୀ, ସିଆରସିସି ସୁଶାନ୍ତ କୁମାର ଦଳେଇ ଏବଂ ମାଲକାନଗିରି ଡିପିଇପିର କନିଷ୍ଠଯନ୍ତ୍ରୀ ସରୋଜ କୁମାର ଚର୍ଚ୍ଚି ଅପରାହ୍ନ ୪ଟାରେ ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟରେ ଛାତରୁ ପାଣି ଗଳି ଘରେ ଜମା ହୋଇଥିବା ଏବଂ କାନ୍ଥ ଫାଟିଥିବା ଦେଖିବାକୁ ପାଇଥିଲେ। ପିଲାମାନେ ପିଣ୍ଡା ଓ ଗଛ ମୂଳରେ ବସି ପଢିବା ନେଇ ପ୍ରଧାନଶିକ୍ଷକ ରାମେୟା ମାଝିଙ୍କୁ ପଚାରି ବୁଝିଥିଲେ। ପ୍ରଧାନଶିକ୍ଷକ ମାଝି ଏହା ସତ୍ୟ ବୋଲି ଅଧିକାରୀମାନଙ୍କୁ କହିଥିଲେ। ଶ୍ରେଣୀଗୃହ କାନ୍ଥ ଫାଟିଛି, କେତେବେଳେ ଭୁଶୁଡିପଡିବ ବୋଲି ଗ୍ରାମବାସୀ ପାଟି କରିବାରୁ ବିଦ୍ୟାଳୟ ପିଣ୍ଡା ଓ ଗଛ ମୂଳରେ ବସାଇ ପିଲାଙ୍କୁ ପାଠ ପଢାଯାଉଥିଲା ବୋଲି ପ୍ରଧାନଶିକ୍ଷକ କହିଥିଲେ। ଏହି ସମୟରେ ଗ୍ରାମର କେତେକ ଗ୍ରାମବାସୀ ପହଞ୍ଚି ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ତୁରନ୍ତ ଜରୁରୀ ପାଣ୍ଠିରୁ ୧୦ହଜାର ଟଙ୍କା ଉଠାଇ ବିଦ୍ୟାଳୟ ଛାତ ଉପରେ ଜରି ପକାଇ ପାଇଁ ଅଧିକାରୀମାନେ ପ୍ରଧାନଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ବର୍ଷା ଛାଡିବା ପରେ ଛାତକୁ ଗ୍ରେଡିଂ କରିବା ସହ ଫାଟିଥିବା କାନ୍ଥକୁ ପ୍ଲାଷ୍ଟର କରିବା ପାଇଁ ସେମାନେ ପ୍ରତିଶ୍ରୁତି ଦେଇଥିଲେ।

# ଚଢ଼ା ଦରରେ ବିକ୍ରି ହେଉଛି ସାର

**କୋରୁକୋଣ୍ଡା, ୬।୯(ଡ଼ି.ଏନ.ଏ.)**

- ବିଧାୟକଙ୍କ ଦୃଷ୍ଟିଆକର୍ଷଣ କଲେ ଚାଷୀ
- ଗତବର୍ଷର ସାର ନେବାକୁ ବାଧ କରୁଛନ୍ତି ବ୍ୟବସାୟୀ
- ଚଢ଼ାଉ କଲା ୩ ଜଣିଆ କମିଟି

ସର୍ବାଧିକ ଖରିଫ ଧାନ ଅମଳ କରି କୋରୁକୋଣ୍ଡା ବ୍ଲକ ମାଲକାନଗିରି ଜିଲାରେ ରେକର୍ଡ ସୃଷ୍ଟି କରିଛି। ଖରିଫ ଚାଷ ପାଇଁ ସରକାରଙ୍କ ପକ୍ଷରୁ ସରକାରୀ ଓ ବେସରକାରୀ ସଂସ୍ଥା ମାଧ୍ୟମରେ ଚାଷୀଙ୍କୁ ସାର ଯୋଗାଇବା ବ୍ୟବସ୍ଥା ହୋଇଛି। ବହୁ କ୍ଷେତ୍ରରେ କେତେକ ବେସରକାରୀ ସଂସ୍ଥା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟଠାରୁ ୨/୩ ଗୁଣ ଦରରେ ସାର ବିକ୍ରି କରୁଥିବା ଅଭିଯୋଗ ହେଉଛି। ଗ୍ରୋମୋର ଓ ୟୁରିଆ ସାର ୨୬୬ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଏହାକୁ ୫୦୦ରୁ ୫୫୦ ଟଙ୍କାରେ ବିକ୍ରି କରାଯାଉଛି। ସାର ଚଢା ଦରରେ ବିକ୍ରି କରିବା ସହ ଗତ ବର୍ଷର ପୁରୁଣା ସାର ନେବାକୁ ଚାଷୀଙ୍କୁ ବାଧ କରାଯାଉଥିବା ନେଇ କେତେକ ଚାଷୀ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଧାୟକଙ୍କ ଏ ସମ୍ପର୍କରେ କୃଷି ଉପନିର୍ଦ୍ଦେଶକ ରାମଚନ୍ଦ୍ର ପଟ୍ଟନାୟକଙ୍କୁ ଜଣାଇବାରୁ ପଟ୍ଟନାୟକ ଏକ ତିନିଜଣିଆ ଟିମ୍ ଗଠନ କରିଛନ୍ତି। ଏହି ଟିମ୍ କାମବେଡ଼ା ପଞ୍ଚାୟତସ୍ଥିତ ରଶ୍ମିରଞ୍ଜନ ନାୟକ ଓ ଏମଭି-୫୦ସ୍ଥିତ ସୃଷ୍ଟିଧର ହାଲଦାରଙ୍କ ସାର ଦୋକାନ ଓ ଗୋଦାମ ଗୃହ ଯାଞ୍ଚ କରିଛନ୍ତି। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ବ୍ୟବସାୟୀମାନେ ଗତ ବର୍ଷର ପୁରୁଣା ସାର ବିକ୍ରି କରୁଥିବା ଲୋକେ ଅଭିଯୋଗ କରିଥିଲେ। ପରେ କମିଟି ଉଭୟ ବ୍ୟବସାୟୀଙ୍କୁ ପୁରୁଣା ସାର ବିକ୍ରି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ବିଦାୟ ନେଲେ ଗଜାନନ

**ମାଲକାନଗିରି,୬।୯(ଡି.ଏନ୍.ଏ.)**– ମାଲକାନଗିରି ସଦର ମହକୁମାରେ ଶୁକ୍ରବାର ବିଭିନ୍ନ ପୂଜା କମିଟି ପକ୍ଷରୁ ବିଘ୍ନ ବିନାଶକ ଗଣେଶଙ୍କ ପ୍ରତିମା ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜେଲସାହି, ଚିଦାନନ୍ଦ ସାହି, ତଳସାହି, ବାଲିସାଗର ସାହି, ଡି.ଏନ୍.କେ., କୁମୁଟିଗୁଡା ପୂଜାକମିଟି ଅପରାହ୍ନରେ ନିଜ ନିଜ ପୂଜାମଣ୍ଡପରୁ ଗଣେଶଙ୍କୁ ସୁସଜ୍ଜିତ ଗାଡିରେ ଶୋଭାଯାତ୍ରାରେ ନେଇଥିଲେ। ବିଭିନ୍ନ ବାଦ୍ୟ, ଆତସବାଜି ଏବଂ ନାଚଗୀତରେ ସହର ମୁଖରିତ ହୋଇ ଉଠିଥିଲା। ଶୋଭାଯାତ୍ରାରେ ନେଇ ଗଣେଶ ପ୍ରତିମାଗୁଡିକୁ ବଣ୍ଡାବାକୁଲିଗୁଡା ଓ ବାଲିସାଗରରେ ବିସର୍ଜନ କରାଯାଇଥିଲା।

# ଶହୀଦ ଯବାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ


ଶହୀଦ ଜୟରାମଙ୍କ ପ୍ରତିମୂର୍ତ୍ତି ।

**ମାଲକାନଗିରି,୬।୯(ଡି.ଏନ୍.ଏ.)**– ପୋଲିସ-ମାଓବାଦୀ ଗୁଳି ବିନିମୟ ବେଳେ ଗତ ୨୮ରେ ଶହୀଦ ହୋଇଥିବା ଯବାନ ମାଲକାନଗିରି ସୋରିଷମାଳ ଗ୍ରାମର ଜୟରାମ କବାସୀଙ୍କ ୮ଫୁଟ୍ ଉଚ୍ଚତାର ଏକ ପ୍ରତିମୂର୍ତ୍ତି ଶୁକ୍ରବାର ମାଲକାନଗିରି-ଜୟପୁର ମୁଖ୍ୟରାସ୍ତା ପାଖରେ ସ୍ଥାପନ କରାଯାଇଛି। ଏହି ସମୟରେ ଏସ୍.ପି. ହ୍ରିସିକେଶ ଡି. ଖିଲାରି, ଜିଲା ସଦର ମହକୁମାର ପୋଲିସ ଅଧିକାରୀ ଓ ଯବାନମାନେ ଉପସ୍ଥିତ ଥିଲେ। ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦା, ସରପଞ୍ଚ ସମାରି ମାଡକାମିଙ୍କ ସହ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ସୋରିଷମାଳ ଗ୍ରାମକୁ ଯାଇ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶହ ଶହ ଆଦିବାସୀ ମହିଳା ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏସ୍.ପି. ଖିଲାରି ଶହୀଦଙ୍କ ପରିବାରଙ୍କୁ ସାନ୍ତ୍ୱନା ଦେବା ସହ ଆଗାମୀ ଦିନରେ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପଦ୍ମଗିରି, ପାଣ୍ଡ୍ରିପାଣି, ମାଲକାନଗିରି, କୋରୁକୋଣ୍ଡା, ମାଥିଲି, ବାଲିମେଳା, କାଳିମେଳା ଅଞ୍ଚଳରୁ ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ।

# ନିଜେ ପଢ଼ିବି, ନିଜକୁ ଗଢ଼ିବି

**କୋରୁକୋଣ୍ଡା,୬।୯(ଡି.ଏନ.ଏ.)**

ଶିକ୍ଷାର ବିକାଶ ତଥା ଗୁଣାତ୍ମକ ଶିକ୍ଷା ନିମନ୍ତେ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ଯୋଜନା ପରେ ଯୋଜନା ହେଉଛି । ଶିକ୍ଷାୟତନର ବିକାଶ, ଶିକ୍ଷକମାନଙ୍କ ଦକ୍ଷତା ମଧ୍ୟାହ୍ନଭୋଜନ, ପିଲାଙ୍କୁ ପୋଷାକ, ବୁଟ ଓ ସାଇକେଲ ଆଦି ପ୍ରଦାନ କରାଯାଉଛି। ଏହା ସତ୍ତ୍ୱେ ଗୁଣାତ୍ମକ ଶିକ୍ଷାର ବିକାଶ ହୋଇପାରୁନି । ଏସବୁ କେବଳ ଶିକ୍ଷକ କୈନ୍ଦ୍ରିକ ହୋଇରହିଯାଇଛି । ମାଲକାନଗିରି ଜିଲା ତାର୍ଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ର କୈନ୍ଦ୍ରିକ ଶିକ୍ଷା ପାଇଁ ଏକ ନୂତନ ଯୋଜନା ଆରମ୍ଭ ହୋଇଛି। ଏହାର ନାମ 'ନିଜେ ପଢିବି, ନିଜକୁ ଗଢିବି' ରଖାଯାଇଛି । ପିଲାଟି କିପରି ପଢିବା ପାଇଁ ନିଜେ ଆଗ୍ରହ ପ୍ରକାଶ କରିବ ସେଥିପାଇଁ ସାଧାରଣ ନିୟମ କରାଯାଇ ଏସମ୍ପର୍କରେ ପିଲାଙ୍କୁ ବୁଝାଯାଇଛି। ନିୟମିତ ବିଦ୍ୟାଳୟକୁ ଆସିବା, ପାଠପଢାବେଳେ ମନଦେଇ ଶୁଣିବା, ଅବୁଝା ପାଠକୁ ଶିକ୍ଷକଙ୍କୁ ପଚାରି ବୁଝିବା, ପ୍ରଶ୍ନୋତ୍ତର ବହି ପଢି ନିଜେ ଉତ୍ତର ଲେଖିବା, ପାଠପଢା ବହିକୁ ସବୁଠାରୁ ଭଲ ସାଙ୍ଗ ମନେ କରିବା ଆଦି ନିୟମ ସମ୍ପର୍କରେ ପିଲାଙ୍କୁ ବୁଝାଇ ଶପଥ ପାଠ କରାଯାଇଛି। ଏସମ୍ପର୍କରେ ପ୍ରଧାନଶିକ୍ଷକ କରୁଣାକର ମଲିକ କହିଛନ୍ତି ଯେ, ଯଦି ପିଲାଟି ନିଜେ ପାଠ ପଢିବା ପାଇଁ ଆଗ୍ରହ ପ୍ରକାଶ କରିବ ତେବେ ପାଠ କଷ୍ଟ ଲାଗିବନି। ପିଲାଙ୍କ ଆଗ୍ରହ ସୃଷ୍ଟି କରିବା ପାଇଁ ଏପରି ଏକ ପ୍ରୟାସ ଆରମ୍ଭ ହୋଇଛି। ଏଥିରେ ପ୍ରଥମେ ଦଶମ ଶ୍ରେଣୀ ପିଲାମାନଙ୍କୁ ସାମିଲ କରାଯିବ। ଯୋଜନା ସଫଳ ହେଲେ ଆଗାମୀ ଶିକ୍ଷାବର୍ଷରୁ ଷଷ୍ଠ ଶ୍ରେଣୀରୁ ଲାଗୁ କରାଯିବ ବୋଲି ମଲ୍ଲିକ କହିଛନ୍ତି। ଏହି ଅବସରରେ ତାର୍ଲାକୋଟା ସରପଞ୍ଚ ସୋମନାଥ ବାର୍ସେ ବିଦ୍ୟାଳୟକୁ କେତେକ କ୍ରୀଡା ଉପକରଣ ଯୋଗାଇ ଦେଇଥିଲେ ।


ନିଜେ ପଢିବି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଡି.ଜେ. ବନ୍ଦ ପାଇଁ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ସଚେତନତା କାର୍ଯ୍ୟକ୍ରମ

**ମାଥିଲି , ୬।୯**

ଡିଜେ କାର୍ଯ୍ୟକ୍ରମକୁ ସରକାର କଟକଣା ଲଗାଇଥିଲେ। ମାତ୍ର ଲୋକେ ଏହାକୁ ମାନୁନାହାନ୍ତି। ଏହାକୁ ପ୍ରତିରୋଧ କରିବା ପାଇଁ ଏବେ ଭିନ୍ନକ୍ଷମ ଛାତ୍ରୀଛାତ୍ର ମାନେ ନିଆରା ଢଙ୍ଗରେ ସଚେତନତା ସୃଷ୍ଟି କରିଛନ୍ତି। ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡାସ୍ଥିତ ଭିନ୍ନକ୍ଷମ ବିଦ୍ୟାଳୟରେ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ଭଜନସନ୍ଧ୍ୟା କାର୍ଯ୍ୟକ୍ରମରେ ଡିଜେ କାର୍ଯ୍ୟକ୍ରମ ବର୍ଜନ କରିବାକୁ ଛାତ୍ରୀଛାତ୍ରମାନେ ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ବାବୁରାମ ଖରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନେ ଭଜନ ପରିବେଷଣ କରି ସଚେତନତା ବାର୍ତ୍ତା ଦେଇଥିଲେ। ଡି.ଜେ ସଙ୍ଗୀତ ବନ୍ଦ କରିବା ପାଇଁ ସେମାନେ ଲୋକଙ୍କୁ ଅନୁରୋଧ କରିଥିଲେ।

# ■ ରୋଗୀ କଲ୍ୟାଣ ସମିତି ବୈଠକ

# ରୋଗୀଙ୍କୁ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଲେ ବିଧାୟକ

**କାଳିମେଳା,୬।୯(ଡି.ଏନ.ଏ.)**

ମାଲକାନଗିରି ଜିଲା କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛ। ଏଥିରେ ସମିତିର ସଭାପତି ମାଲକାନଗିରି ବିଧାୟକ ମାନସ ମାଡକାମି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ବୈଠକରେ ଆଲୋଚନା ହୋଇଥିଲା। ବିଧାୟକ ପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ପାଖକୁ ଯାଇ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ଔଷଧ ଗୋଦାମ ଗୃହ,ମାତୃଗୃହ ବୁଲି ଦେଖିଥିଲେ। ବୈଠକରେ ବୈଠକରେ ୨୦୧୯-୨୦ ବର୍ଷର ବ୍ୟୟ ଉପରେ ଆଲୋଚନା ହୋଇଥିଲା । ରୋଗୀ କଲ୍ୟାଣ ସମିତିକୁ ବର୍ଷକୁ ୫ ଲକ୍ଷ ଟଙ୍କା ଆସୁଥିବା ବେଳେ ଏଥିରୁ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଦରମା ବାବଦକୁ ୧ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟ ହେଉଛି। ବଳକା ଅର୍ଥରେ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତି କରିବା ସମ୍ଭବ ହୋଇପାରୁ ନାହିଁ। ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା, ମେଡିକାଲ ପରିସରରେ ସ୍ୱଚ୍ଛତା ବଜାୟ ରଖିବା ନେଇ ବିଧାୟକ ଗୁରୁତ୍ୱ ଦେଇଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ ମାଲା ମାଢି, ଜିଲା ପରିଷଦ ସଭ୍ୟ ସମିର ମିସ୍ତ୍ରୀ, ଉତ୍ତମ ରାୟ, ପ୍ରମିଳା ଦାସ, ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ମୁଖାର୍ଜୀ, ମେଡିକାଲ ଭାରପ୍ରାପ୍ତ ଅଧିକାରୀ ଡା. ଅବିଦ ହୁସେନ ଖାନ, ବିପିଓ ବିକାଶ କୁମାର ମିଶ୍ର ,ବିଚିତ୍ର ଦାସ, ସୁକାନ୍ତ ସାହୁ, ଚୁଡାମଣି ମଣ୍ଡଳ, ଏବିଇଓ ଚିନ୍ତାହରଣ ମଧୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କାଳିମେଳା ମେଡିକାଲକୁ ସବ୍‌ଡିଭିଜନାଲ ମେଡିକାଲରେ ପରିଣତ କରିବା ପାଇଁ ଡା. ଅବିଦ ବିଧାୟକଙ୍କୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ ଯେ, କାଳିମେଳା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରତ୍ୟହ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ୪ ଜଣ ବିଶେଷଜ୍ଞ ଡାକ୍ତର ପଦବୀ ଥିଲେ ମଧ୍ୟ ଜଣେ ହେଲେ ବିଶେଷଜ୍ଞ ଡାକ୍ତର ନାହାନ୍ତି । କେତେକ କର୍ମଚାରୀ କାଳିମେଳା ସ୍ୱାସ୍ଥ୍ୟକେନ୍ଦ୍ରରୁ ଦରମା ପାଇ ଜିଲାର ମାଥିଲି, ଚିତ୍ରକୋଣ୍ଡା ଆଦି ମେଡିକାଲରେ କାର୍ଯ୍ୟ କରୁଛନ୍ତି । ଫଳରେ ଏଠାରେ କର୍ମଚାରୀ ଅଭାବ ଦେଖାଦେଉଛି।



ବିଧାୟକ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

